# ଭାରତୀୟ ଜନତା ପାର୍ଟି, ଓଡିଶା

**<u>ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ</u>**

# ବାତ୍ୟା 'ତିତିଲି' ଏବଂ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବ ବିଜେପି ପ୍ରତିନିଧି ଦଳ

- **ରାଜ୍ୟ ଉପ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଆସ୍କା, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଗଂଜାମ ଏବଂ ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ଗଜପତି ଜିଲ୍ଲା ଯିବ ପ୍ରତିନିଧି ଦଳ**

**ଭୁବନେଶ୍ୱର, ତା.୧୨/୧୦:** ଭୟାଭୟ ବାତ୍ୟା 'ତିତିଲି' କାରଣରୁ ଦକ୍ଷିଣ ଓଡିଶା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ସେହିପରି ବାତ୍ୟା ପ୍ରଭାବ ବର୍ଷା କାରଣରୁ ଦକ୍ଷିଣ ଓଡିଶା ସମେତ ରାଜ୍ୟର ବହୁ ଅଂଚଳ ଆଜି ଜଳମଗ୍ନ ହୋଇ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ବନ୍ୟାପାଣି ଘେରରେ ରହି ପ୍ରଭାବିତ ଅଂଚଳବାସୀ ବହୁ କଷ୍ଟ ପାଉଛନ୍ତି । ଗମନାଗମନ ବ୍ୟବସ୍ଥା, ବିଜୁଳି ଯୋଗାଣଠୁ ଆରମ୍ଭ କରି ପାନୀୟ ଜଳ ସଂକଟ ଅଂଚଳବାସୀଙ୍କ ପାଇଁ ଭୟଙ୍କର ରୂପ ଧାରଣ କରିଛି । ଅନ୍ଧକାର, ପାନୀୟ ଜଳ ସଂକଟ, ଖାଦ୍ୟାଭାବ, ଭଙ୍ଗା ଘରେ ରହି ଜୀବନଯାପନ କରୁଥିବା ଅଂଚଳବାସୀଙ୍କ ଦୁଃଖ ନକହିଲେ ସରେ । ଅନ୍ୟ ପଟେ ପାଣିପାଗ ବିଭାଗର ପୂର୍ବ ସୁଚନା ସତ୍ୱେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଓ ଅପାରଗତା କାରଣରୁ ଅଂଚଳବାସୀଙ୍କ ଦୁଃଖ ଆହୁରି ବଢିଯାଇଛି । କେବଳ ଗଣମାଧ୍ୟମରେ ବିଭ୍ରାନ୍ତକାରୀ ବକ୍ତବ୍ୟ ପ୍ରଦାନ କରି ଶାସକ ଦଳ ଚୁପ୍ ହୋଇ ବସି ରହିଛନ୍ତି । ମାତ୍ର ବାସ୍ତବ ସ୍ଥିତି ଅନ୍ୟ ପ୍ରକାରର । ଏହି ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା କାଲି ଭାରତୀୟ ଜନତା ପାର୍ଟୀର ୩ଟି ରାଜ୍ୟସ୍ତରୀୟ ପ୍ରତିନିଧି ଦଳ ବାତ୍ୟା ଓ ବନ୍ୟାଂଚଳ ଗସ୍ତ କରି ସଂପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବେ ।

ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ନେତୃତ୍ୱରେ ଓବିସି ମୋର୍ଚ୍ଚାର ପ୍ରତିନିଧି ଦଳ ଆସ୍କା, ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପରଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚାର ପ୍ରତିନିଧି ଦଳ ଗଂଜାମ ଜିଲ୍ଲା ଏବଂ ଅନ୍ୟତମ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ କୃଷକ ମୋର୍ଚ୍ଚାର ପ୍ରତିନିଧି ଦଳ ଗଜପତି ଜିଲ୍ଲା ଗସ୍ତ କରିବେ । ଗସ୍ତ କାଳରେ ଏହି ପ୍ରତିନିଧି ଦଳ ବାତ୍ୟା ଓ ବନ୍ୟାଜନିତ କ୍ଷୟକ୍ଷତିର ଆକଳନ, ପ୍ରଭାବିତ ଅଂଚଳବାସୀଙ୍କ ସମସ୍ୟା ଓ ସମସ୍ୟାର ଦୁରୀକରଣ ଆଦି ପ୍ରସଙ୍ଗରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିବେ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ପ୍ରସାଦ ମହାପାତ୍ର ସୁଚନା ଦେଇଛନ୍ତି ।

**(ବିଜେପି ମିଡିଆ ସେଲ୍)**